# NATIONAL NEWS BULLETIN (ODIA)
## 9 April - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ହୋମିଓପ୍ୟାଥି ଦିବସ ଉପରେ ଏକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିବେ ।
- ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ୨୦୨୪ ନିର୍ବାଚନ ଏକବିଂଶ ଶତାବ୍ଦୀର ଭାରତ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରେ ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଗିରଫ୍ କରାଯିବାକୁ ଚ୍ୟାଲେଞ୍ଜ କରି ସେ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି ।
- ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ପଞ୍ଜାବ ଓ ମହାରାଷ୍ଟ୍ର ସମବାୟ ବ୍ୟାଙ୍କ୍‌ର ଏକ ଋଣ ଠକେଇ ମାମଲାରେ ୧ହଜାର ୮୦୭ ଏକର ଜମିକୁ ଅସ୍ଥାୟୀ ଭାବେ ବାଜ୍ୟାପ୍ତ କରିଛି ।

ଏବଂ

- ଏକ ଦୁଇ ବର୍ଷର ବାଳକ ମ୍ୟାନ୍‌ହୋଲ୍ ମଧ୍ୟକୁ ଖସିପଡ଼ି ମୃତ୍ୟୁ ବରଣ କରିବା ଘଟଣାରେ ମାନବାଧିକାର କମିଶନ୍ ଗୁରୁଗ୍ରାମ ପୌର କମିଶନର ଓ ପୋଲିସ୍ କମିଶନରଙ୍କୁ ନୋଟିସ୍ ଜାରି କରିଛନ୍ତି ।

## ପ୍ରେଜ୍-ହୋମିଓପ୍ୟାଥି ସିମ୍ପୋଜିୟମ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀର ଦ୍ୱାରକା ସ୍ଥିତ ଯଶୋଭୂମି କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ବିଶ୍ୱ ହୋମିଓପ୍ୟାଥି ଦିବସ ୨୦୨୪ ଉପରେ ଦୁଇଦିନିଆ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିବେ । କେନ୍ଦ୍ରୀୟ ହୋମିଓପ୍ୟାଥି ଗବେଷଣା ପରିଷଦ ଦ୍ୱାରା ଏହି ସିମ୍ପୋଜିୟମ୍‌ର ଆୟୋଜନ କରାଯାଇଛି । ଏହି ଆଲୋଚନାଚକ୍ର ହୋମିଓପ୍ୟାଥି ଗବେଷଣା ପାଇଁ ଅତ୍ୟାଧୁନିକ ବୈଷୟିକଜ୍ଞାନର ବ୍ୟବହାର କରି ମୋଟାମୋଟି ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଉଦ୍ଦିଷ୍ଟ ।

ଆୟୁଷ ମନ୍ତ୍ରଣାଳୟ ସଚିବ ବୈଦ ରାଜେଶ କୋଟେଚା, କେନ୍ଦ୍ର ହୋମିଓପ୍ୟାଥି ଗବେଷଣା ପରିଷଦ ମହାନିର୍ଦ୍ଦେଶକ ଡକ୍ଟର ସୁଭାଷ କୌଶିକ, ହୋମିଓପ୍ୟାଥି ଜାତୀୟ କମିଶନ୍ ଚେୟାର୍‌ମ୍ୟାନ୍ ଡକ୍ଟର ଅନୀଲ ଖୁରାନା ଓ ହୋମିଓପ୍ୟାଥିରେ ପଦ୍ମ ପୁରସ୍କାର ବିଜେତାମାନେ ଆଲୋଚନାରେ ଅଂଶଗ୍ରହଣ କରିବେ ।

# ପିଏମ୍-ର୍ୟାଲି

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏକବିଂଶ ଶତାବ୍ଦୀର ଭାରତ ପାଇଁ ଏହି ୨୦୨୪ ନିର୍ବାଚନ ଗୁରୁତ୍ୱ ବହନ କରୁଛି । ଶ୍ରୀ ମୋଦି ମଧ୍ୟପ୍ରଦେଶର ବାଲଘାଟ ଠାରେ ଆଜି ଏକ ସମାବେଶରେ ଉଦ୍‌ବୋଧନ ଦେଇଛନ୍ତି । ସେ କହିଛନ୍ତି, ଏହା କେବଳ ଏକ ନିର୍ବାଚନ ନୁହେଁ ବରଂ  ନୂତନ ଭାରତ ନିର୍ମାଣ କରିବା ପାଇଁ ଏକ ମିଶନ୍ । ଶ୍ରୀ ମୋଦି କହିଛନ୍ତି, ବିଜେପି ସରକାର ଦେଶର ପ୍ରତ୍ୟେକ ସହର ଏକ ଗ୍ରାମକୁ ଗୁରୁତ୍ୱ ପ୍ରଦାନ କରି 'ସବ୍‌କା ସାଥ୍ ସବ୍‌କା ବିକାଶ' ମନ୍ତ୍ରକୁ ଅନୁସରଣ କରୁଛି ।

ଭିତ୍ତିଭୂମିର ବିକାଶକୁ ଦର୍ଶାଇ ସେ କହିଛନ୍ତି, ଦେଶର ଆଧୁନିକ ଭିତ୍ତିଭୂମିର ନିର୍ମାଣ ପାଇଁ ଆମ ସରକାର କୋଟି କୋଟି ଅର୍ଥ ଖର୍ଚ୍ଚ କରୁଛନ୍ତି । ସେ କହିଛନ୍ତି, ବିଜେପି ସମାଜର ଦଳିତ-ପଛୁଆବର୍ଗ ଆଦିବାସୀ ବର୍ଗର ଲୋକମାନଙ୍କୁ ସମ୍ମାନ ଦେଉଛ ଯେଉଁମାନଙ୍କୁ ପୂର୍ବ ସରକାର ଧ୍ୟାନ ନ ଦେଇ ଅଣଦେଖା କରିଥିଲା । ସେ କହିଛନ୍ତି, କଂଗ୍ରେସ ଗୋବିନ୍ଦ ଗୁରୁଙ୍କ ଭଳି ବିପ୍ଳବୀକୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ଦେଇନାହିଁ । ତେବେ ଆମ ସରକାର ଗୋବିନ୍ଦ ଗୁରୁଙ୍କୁ ଏହି ମାନ୍ୟତା ପ୍ରଦାନ କରିଛି । ସେ କହିଛନ୍ତି, ଆମ ସରକାର ତାନ୍ତ୍ୟା ମାମାଙ୍କୁ ସମ୍ମାନ

ଜଣାଇବା ସହ ପ୍ରଥମଥର ପାଇଁ ଭଗବାନ ବିର୍ଶାମୁଣ୍ଡାଙ୍କ ଜନ୍ମ ବାର୍ଷିକୀକୁ ଆଦିବାସୀ ଗୌରବ ଦିବସ ଭାବେ ପାଳନ କରିଛି ।

ଦେଶର ବୈଦେଶିକ ନୀତିର ସଫଳତାକୁ ବ୍ୟାଖ୍ୟା କରି ସେ କହିଛନ୍ତି, ଦିନଥିଲା କଂଗ୍ରେସ ସରକାର ଅଭିଯୋଗ ନେଇ ଅନ୍ୟ ବିଦେଶ ରାଷ୍ଟ୍ରକୁ ଗସ୍ତ କରୁଥିଲା । କିନ୍ତୁ ଆଜି ସମୟ ବଦଳିଛି । ବିଶ୍ୱର ବୃହତ ଦେଶମାନେ ନିଜ ଭିତରେ ଯୁଦ୍ଧ ଲାଗି ସେମାନଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ଭାରତ ଆସି ଆଲୋଚନା କରୁଛନ୍ତି । ଆମ ଦେଶର ସ୍ଥିତି ଦେଖି ଭାରତୀୟମାନଙ୍କ ନୈତିକତା ସୁଦୃଢ଼ ହୋଇଛି ।

## ଆସାମ-ଅମିତ ଶାହା

ବରିଷ୍ଠ ବିଜେପି ନେତା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ବିଗତ ୧୦ ବର୍ଷ ମଧ୍ୟରେ ଆସାମ ଏବଂ ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକରେ ଯେପରି ବିକାଶ ଘଟିଛି ତାହା ପୂର୍ବରୁ କେବେ ଦେଖାଯାଇନଥିଲା । ଆସାମର ଲକ୍ଷ୍ମୀପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚୁକୁଲିଭୋରିଆ ଠାରେ ଏକ ଜନସମାବେଶକୁ ଶ୍ରୀ ଶାହା ଆଜି ଉଦ୍‌ବୋଧନ ଦେବା ଅବସରରେ ଏହା କହିଛନ୍ତି । କଂଗ୍ରେସ ସରକାରରେ ଥିବା ସମୟରେ ଆସାମ ରାଜ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରିଥିବା ନେଇ ସେ ସମାଲୋଚନା କରିଛନ୍ତି ।

ଶ୍ରୀ ଶାହା କହିଛନ୍ତି, ଆଜି ଉତ୍ତର-ପୂର୍ବ ଅଞ୍ଚଳ ଭାରତର ସଫଳତାର କାହାଣୀ ବଖାଣୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ଦଶ ବର୍ଷ ମଧ୍ୟରେ ବହୁ ଶାନ୍ତିଚୁକ୍ତିନାମା ସ୍ୱାକ୍ଷରିତ ହେବା ସେ ସୂଚନା ଦେଇଥିଲେ । ଏହି ସମୟ ମଧ୍ୟରେ ୯ହଜାର ୫୦୦ରୁ ବିଦ୍ରୋହୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ସେ କହିଛନ୍ତି ।

ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିବା ଫଳରେ ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ୍ ଉତ୍ତର ପୂର୍ବାଞ୍ଚଳରେ ୮୦ ପ୍ରତିଶତ ଅଞ୍ଚଳରୁ ଉଠାଇ ଦିଆଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ବିଜେପି ସାଂସଦ ପ୍ରଦାନ ବରୁହା ଲକ୍ଷ୍ମୀପୁର ଲୋକସଭା ଆସନରୁ ତୃତୀୟଥର ପାଇଁ କଂଗ୍ରେସ ପ୍ରାର୍ଥୀ ଭାବରେ ଶଙ୍କର ହଜାରୀକାଙ୍କ ବିରୁଦ୍ଧରେ ନିର୍ବାଚନ ଲଢୁଛନ୍ତି ।

## କେଜରିୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ଦ୍ୱାରା ତାଙ୍କୁ ଗିରଫ୍ କରାଯିବାକୁ ଚ୍ୟାଲେଞ୍ଜ କରି କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି । ତାଙ୍କୁ

ଇ.ଡି. ହାଜତକୁ ପଠାଯିବା ଲାଗି ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସେ କରିଥିବା ଆବେଦନ  ମଧ୍ୟ ଖାରଜ ହୋଇଯାଇଛି । ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମା ତାଙ୍କର ଗିରଫ୍‌କୁ କାଏମ ରଖିଛନ୍ତି । ଶ୍ରୀ କେଜରିୱାଲ ଗୋଆ ନିର୍ବାଚନ ପାଇଁ ଅର୍ଥ ଦେଇଥିଲେ ବୋଲି ଇ.ଡି. ପାଖରେ ଯଥେଷ୍ଟ ପ୍ରମାଣ ଥିବାର ସେ କହିଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ଗିରଫ୍ କରାଯିବାକୁ ଚ୍ୟାଲେଞ୍ଜ କରି ସେ କରିଥିବା ଆବେଦନକୁ ମଧ୍ୟ କୋର୍ଟ ଗ୍ରହଣ କରିନାହାନ୍ତି । ଶ୍ରୀ କେଜରିୱାଲ ବର୍ତ୍ତମାନ ନ୍ୟାୟିକ ହାଜତରେ ଅଛନ୍ତି । ମାର୍ଚ୍ଚ ୨୧ ତାରିଖରେ ତାଙ୍କୁ ଗିରଫ୍ କରାଯାଇଥିଲା । ୨୨ ତାରିଖରେ ନିମ୍ନ ଅଦାଲତ ତାଙ୍କୁ ୬ ଦିନ ପାଇଁ ଇ.ଡି. ହାଜତକୁ ପଠାଇଥିଲେ । ପରେ ତାହା ଆଉ ୪ ଦିନ ସମ୍ପ୍ରସାରିତ ହୋଇଥିଲା । ଏପ୍ରିଲ୍ ପହିଲାରେ ତାଙ୍କୁ ୧୫ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଯାଇଥିଲା ।

## ବିଜେପି-କେଜରିୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ ହୋଇଯିବା ପରେ ବିଜେପି ତାଙ୍କର ତୀବ୍ର ସମାଲୋଚନା କରିଛି । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ପାର୍ଟି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଆମ୍ ଆଦମୀ ପାର୍ଟିର ଗର୍ବ ଚୂନା

ହୋଇଯାଇଛି । ସେ କହିଛନ୍ତି, ଶ୍ରୀ କେଜରିୱାଲ ନିଜକୁ ଯେଉଁ ସାଧୁ ଆଖ୍ୟା ଦେଉଥିଲେ ତାହା ମଧ୍ୟ ଧୂଳିସାତ ହୋଇଯାଇଛି ।

ଇତିମଧ୍ୟରେ ଆମ୍ ଆଦମୀ ପାର୍ଟି ନେତା ତଥା ଦିଲ୍ଲୀ ସରକାରରେ ମନ୍ତ୍ରୀ ସୌରବ ଭରଦ୍ୱାଜ କହିଛନ୍ତି, ପାର୍ଟି ସୁପ୍ରିମ୍‌କୋର୍ଟରେ ଆବେଦନ କରିବ । ଆମ୍ ଆଦମୀ ପାର୍ଟିର ସୁପ୍ରିମ୍‌କୋର୍ଟ ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି ଓ ସଂଜୟ ସିଂହଙ୍କ ଭଳି ଅରବିନ୍ଦ କେଜରିୱାଲ ମଧ୍ୟ ସୁପ୍ରିମ୍‌କୋର୍ଟରେ ନ୍ୟାୟ ପାଇବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଇଡି-ବ୍ୟାଙ୍କ୍ ବଣ୍ଡ ଫ୍ରଡ୍

ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ପଞ୍ଜାବ ଓ ମହାରାଷ୍ଟ୍ର ସମବାୟ ବ୍ୟାଙ୍କ୍‌ର ଏକ ଋଣ ଠକେଇ ମାମଲାରେ ୧ହଜାର ୮୦୭ ଏକର ଜମିକୁ ଅସ୍ଥାୟୀ ଭାବେ ବାଜ୍ୟାପ୍ତ କରିଛି । ମୁମ୍ବାଇ ପୋଲିସର ଏଫ୍.ଆଇ.ଆର୍.କୁ ଭିତ୍ତି କରି ଇ.ଡି. ତଦନ୍ତ ଆରମ୍ଭ କରିଥିଲା । ପଞ୍ଜାବ ଓ ମହାରାଷ୍ଟ୍ର ସମବାୟ ବ୍ୟାଙ୍କ୍ ନିର୍ଦ୍ଦେଶକ ଜୟ ଥୋମାସ୍, ୱାରିୟମ୍ ସିଂହ ଓ କିଛି ଅଜ୍ଞାତବ୍ୟକ୍ତିଙ୍କ ବିରୁଦ୍ଧରେ ସେହି ଏଫ୍.ଆଇ.ଆର୍. ରୁଜୁ ହୋଇଥିଲା । ହାଉସିଂ ଡେଭଲପ୍‌ମେଣ୍ଟ ଆଣ୍ଡ ଏନ୍‌ଫ୍ରାଷ୍ଟ୍ରକଚର୍ ପ୍ରାଇଭେଟ୍ ଲିମିଟେଡ୍, ଏହାର ପୃଷ୍ଟପୋଷକ ଓ ଅନ୍ୟ ସହ ଅଭିଯୁକ୍ତମାନେ ଏକ ଠକେଇ କରି ବ୍ୟାଙ୍କ୍‌କୁ ୬ ହଜାର କୋଟି ଟଙ୍କା କ୍ଷତି ପହଞ୍ଚାଇଥିଲେ ।

## ଜୟଶଙ୍କର-ବେଲ୍‌ଜିୟମ୍

ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ବେଲ୍‌ଜିୟମ୍ ବୈଦେଶିକ ମନ୍ତ୍ରୀ ଥିଓ ଡୋରା ଜେଣ୍ଟିସ୍‌ଙ୍କୁ ଆଜି ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି । ଏକ ପୋଷ୍ଟରେ ସେ କହିଛନ୍ତି, ଭାରତ, ବେଲ୍‌ଜିୟମ୍ ଓ ୟୁରୋପୀୟ ସଂଘ ମଧ୍ୟରେ ଅର୍ଥନୈତିକ ସମ୍ପର୍କ ଓ ରାଜନୈତିକ ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଛି । ଶ୍ରୀ ଜୟଶଙ୍କର ହୀରା ଶିଳ୍ପ ଓ ସେମିକଣ୍ଡକ୍ଟର ଏବଂ ସବୁଜ ଅଭିବୃଦ୍ଧି ଉପରେ ଆଲୋଚନା କରିଛନ୍ତି ।

## ମେରଠ-କନ୍‌ଷ୍ଟିଚ୍ୟୁଏନ୍ସି ପ୍ରୋଫାଇଲ୍

ଉତ୍ତରପ୍ରଦେଶର ୮ଟି ଲୋକସଭା ଆସନ ପାଇଁ ମତଦାନ ଆସନ୍ତା ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ହେବ । ଏହି ପର୍ଯ୍ୟାୟରେ ମେରଠ ଆସନରେ ମତଦାନ ହେଉଛି । ମେରଠ ଆସନରୁ ବିଜେପି ରାଜେନ୍ଦ୍ର ଅଗ୍ରୱାଲଙ୍କୁ ଟିକେଟ୍ ଦେଇନାହିଁ । ତାଙ୍କ ସ୍ଥାନରେ ଅରୁଣ ଗୋଭିଲ ପ୍ରାର୍ଥୀ ହୋଇଛନ୍ତି । ସେ ରାମାୟଣ ଧାରାବାହିକରେ ରାମ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ବି.ଏସ୍.ପି. ଦେବବ୍ରତ ତ୍ୟାଗୀଙ୍କୁ ସେଠାରୁ ପ୍ରାର୍ଥୀ କରାଇଛି । ସମାଜବାଦୀ ପାର୍ଟି ପୂର୍ବତନ ମେୟର ସୁନୀତା ବର୍ମାଙ୍କୁ ପ୍ରାର୍ଥୀ କରାଇଛି । ଏହା ବ୍ୟତୀତ ୫ ଜଣ ପ୍ରାର୍ଥୀ ମଧ୍ୟ ସେଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

## ଇ.ସି.ଆଇ.-ସୂର୍ଯ୍ୟେୱାଲା

ନିର୍ବାଚନ କମିଶନ୍ କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେୱାଲାଙ୍କୁ ନୋଟିସ୍ ପଠାଇଛି । ବିଜେପି ନେତା ହେମାମାଳିନୀଙ୍କ ଉପରେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ । ୧୧ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଜବାବ ଦେବାକୁ ତାଙ୍କୁ କୁହାଯାଇଛି ।

## ଏନ୍.ଏଚ୍.ଆର୍.ସି.-ନୋଟିସ୍

ଜାତୀୟ ମାନବାଧିକାର କମିଶନ୍ ଗୁରୁଗ୍ରାମ ପୌର କମିଶନର ଓ ପୋଲିସ୍ କମିଶନରଙ୍କୁ ନୋଟିସ୍ ଜାରି କରିଛନ୍ତି । ଏକ ଦୁଇ ବର୍ଷର ବାଳକ ୧୨ ଫୁଟ ଗଭୀରର ଖୋଲା ଥିବା ମ୍ୟାନ୍ ହୋଲ୍ ମଧ୍ୟକୁ ଖସିପଡ଼ି ମୃତ୍ୟୁ ବରଣ କରିବା ଘଟଣାରେ ଏହି ନୋଟିସ୍ ପଠାଯାଇଛି । ଗତ ୩ ତାରିଖରେ ହରିଆନାର ଗୁରୁଗ୍ରାମ ଠାରେ ଏହି ଘଟଣା ଘଟିଥିଲା । ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଏନ୍.ଏଚ୍.ଆର୍.ସି. ଉଭୟ ବିଭାଗକୁ କହିଛନ୍ତି । ରିପୋର୍ଟରେ ଏଫ୍.ଆଇ.ଆର୍. ସମ୍ବନ୍ଧୀୟ ସ୍ଥିତାବସ୍ଥା, ପୋଲିସ ବିଭାଗ ଦ୍ୱାରା ନିଆଯାଇଥିବା ପଦକ୍ଷେପର ବିବରଣୀ ଓ ମୃତ ଶିଶୁର ପରିବାରକୁ ମିଳିଥିବା କ୍ଷତିପୂରଣ ବିଷୟରେ ଉଲ୍ଲେଖ କରିବାକୁ କମିଶନ୍ କହିଛନ୍ତି ।

ଏହି ଘଟଣାରେ ଏନ୍.ଏଚ୍.ଆର୍.ସି. ସ୍ୱଚ୍ଛାକୃତ ଭାବେ ଗଣମାଧ୍ୟମର ଖବରକୁ ବିଚାରକୁ ନେଇଛନ୍ତି । ଏନ୍.ଏଚ୍.ଆର୍.ସି. କହିଛନ୍ତି, ଏହା ଏକ ଗୁରୁତର ମାନବିକ ଅଧିକା ଲଙ୍ଘନ ଘଟଣା । ଗଣମାଧ୍ୟମର ଖବର ଅନୁସାରେ ସେହି ପିଲାଯିକୁ ଦେଢ଼ଘଣ୍ଟା ପରେ ମ୍ୟାନ୍ ହୋଲ୍‌ରୁ ବାହାର କରାଯାଇ ହସ୍ପିଟାଲକୁ ନିଆଯାଇଥିଲା । ଡାକ୍ତରମାନେ ତାକୁ ମୃତ ଘୋଷଣା କରିଥିଲେ ।

## ଉତ୍ତରାଖଣ୍ଡ–ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲାରେ ଗତ ରାତିରେ ଗୋଟିଏ ଗାଡ଼ି ଏକ ଗଭୀର ଖାଇମଧ୍ୟକୁ ଖସିପଡିବାରୁ ୭ଜଣ ନେପାଳୀ ଶ୍ରମିକ ଓ ଗାଡ଼ିର ଡ୍ରାଇଭର ପ୍ରାଣ ହରାଇଛନ୍ତି ଏବଂ ୨ଜଣ ଶ୍ରମିକ ଆହତ ହୋଇଛନ୍ତି । ନୈନିତାଲ ଜିଲ୍ଲାର ଉଞ୍ଚାକୋର୍ଟ ଠାରେ ସେହି ଦୁର୍ଘଟଣା ଘଟିଛି । ପୋଲିସ ଓ ଏସ୍.ଡି.ଆର୍.ଏଫ୍ ଉଦ୍ଧାରକାର୍ଯ୍ୟ ଚଳାଇଛନ୍ତି । ସମସ୍ତ ୮ଟି ଯାକ ମୃତଦେହକୁ ଉଦ୍ଧାର କରାଯାଇଛି । ଅନ୍ୟପକ୍ଷରେ ଗୁରୁତରଭାବେ ଆହତ ହୋଇଥିବା ୨ଜଣ ଶ୍ରମିକଙ୍କୁ ବଡ ହସ୍ପିଟାଲରେ ଚିକିତ୍ସା କରାଯାଉଛି ।